ପ୍ରେସ୍ ରିଲିଜ୍

# ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ, ପୁରୀ

## ଅନ୍‌ଲାଇନ୍ ମହାପ୍ରସାଦ ବିକ୍ରି ଏବଂ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ନିମନ୍ତ୍ରଣ ଦେବା ସଂପର୍କେ ।

ପୁରୀ ତା.୧୮.୧୨. - ବିଭିନ୍ନ ସଂସ୍ଥା ଦ୍ୱାରା ଅନ୍‌ଲାଇନ୍ ମାଧ୍ୟମରେ ମହାପ୍ରସାଦ ବରାଦ ନେଇ ବିକ୍ରି କରିବା, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ନିମନ୍ତ୍ରଣ ଜଣାଇବା ଇତ୍ୟାଦି ବିଷୟ ଶ୍ରୀମନ୍ଦିର ପ୍ରଶାସନର ଦୃଷ୍ଟିକୁ ଆସିଛି । ଏ ବିଷୟରେ ପୂର୍ବରୁ ମଧ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା ଯେ, ଶ୍ରୀମନ୍ଦିର ପ୍ରଶାସନ ତରଫରୁ କାହାରିକୁ ଏସବୁ କାର୍ଯ୍ୟ କରିବା ପାଇଁ ଅନୁମତି ଦିଆଯାଇନାହିଁ । ତଥାପି ପ୍ରାୟ ୪/୫ ଟି ସଂସ୍ଥା ଏଭଳି ଅନ୍‌ଲାଇନ୍ ଦ୍ୱାରା ମହାପ୍ରସାଦ ବିକ୍ରି କରିବା ବିଷୟ ସୋସିଆଲ ମିଡ଼ିଆରୁ ଜଣାଯାଏ । ଏଠାରେ ସ୍ପଷ୍ଟ କରିଦିଆଯାଉଅଛି ଯେ, ଏଗୁଡ଼ିକ ଶ୍ରୀମନ୍ଦିର, ପୁରୀର ପାରମ୍ପରିକ ବ୍ୟବସ୍ଥା ଏବଂ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ସ୍ୱତ୍ତାଧିକାର ଅଟେ । ଏଣୁ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଏହିଭଳି କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷ ଏବଂ ଅନୁଷ୍ଠାନମାନଙ୍କୁ ଠାବ କରିବା ପାଇଁ ପୋଲିସ୍ ବିଭାଗକୁ ଜଣାଇଦିଆଯାଇଅଛି । ଯଦି କୌଣସି ବ୍ୟକ୍ତିବିଶେ / ଅନୁଷ୍ଠାନ ଏଭଳି କୌଣସି ବ୍ୟବସ୍ଥା କରନ୍ତି ତେବେ ଆଇନ୍ ଅନୁଯାୟୀ ଦଣ୍ଡନୀୟ ହେବେ ବୋଲି ମୁଖ୍ୟ ପ୍ରଶାସକ ପ୍ରକାଶ କରିଛନ୍ତି ।

ପ୍ରଶାସକ ୧୮।୧୨।୧୮

ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ

Scanned by CamScanner